ସକାଳ THE SAKALA



### ଚାଷୀ ମାରଣା ନୀତି ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ପ୍ରତିବାଦ

# ଜିଲ୍ଲା ବିଜେଡିର ଶୋଭାଯାତ୍ରା ଓ ବିକ୍ଷୋଭ



ଜଗତସିଂହପୁର,୨୧।୨(ସମିସ)

ରାଜ୍ୟ ସରକାରଙ୍କ ଚାଷୀମାରଣା ନୀତି ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ଆଜି ଜଗତସିଂହପୁର ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲ। ସରକାରୀ ଧାନ ମଣ୍ଡିରେ ମିଲର୍ ମାନେ ଗରିବ ଚାଷୀର ଧାନ ଚୋରି କରିବା ଘଟଣାର ପ୍ରତିବାଦ କରି ସେଠାରେ ଦଳୀୟ ନେତା ଏବଂ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାରଙ୍କ ନୀତି ନିୟମକୁ ଗୋଇଠା ମାରି ସରକାରୀ ଅଧିକାରୀମାନଙ୍କ ଭିତିରି ସହଯୋଗରେ ମିଲରମାନେ ଧାନ ମଣ୍ଡିରେ ଚାଷୀ ମାନଙ୍କୁ ଏଫ୍ଏକ୍ୟୁ ନିୟମର ଭୟ ଦେଖାଇ ଚାଷୀ ମାନଙ୍କ ଭଲ ଧାନରୁ ମଧ ୫/୭ କିଗ୍ରା ଠକି ନେଉଛନ୍ତି। ଚାଷୀମାନଙ୍କୁ ଝୋଟ ଅଖା ନ ଦେଇ ବସ୍ତା ପିଛା ୧୦/୧୫ ଟଙ୍କା ଆଦାୟ କରୁଛନ୍ତି। ଗ୍ରାମ୍ ଓଜନରେ ଠକେଇ କରୁଛନ୍ତି ଏହି ମିଲର ମାନେ। ଚାଷୀ ମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ସରକାରଙ୍କ ଧାନ କିଣା ଯୋଜନା ବାସ୍ତବରେ କିନ୍ତୁ ମିଲର, ସମ୍ପାଦକ, ଜିଲ୍ଲା ପ୍ରଶାସନ ମାନଙ୍କ ସ୍ୱାର୍ଥ ପାଇଁ ବ୍ୟବହାର କରି ଚାଷୀ ଧାନ ଶୋଷଣ କରାଯାଉଛି ବୋଲି ବିଜେଡି ନେତାମାନେ ଅଭିଯୋଗ ଉଠାଇଥିଲେ। ସେହିପରି ଜଗତସିଂହପୁର ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଥିବାରୁ ସାଧାରଣ ଲୋକେ ନ୍ୟାୟ ପାଉନଥିବା ବିଜେଡି ଅଭିଯୋଗ କରିଛି। ପରେ ଓଡିଶାର ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜିଲ୍ଲା ମହିଳା ବିଜେଡି ସଭାପତି ଲୋରା ମହାପାତ୍ର, ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ କୁମାର ଜେନା, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ପାରାଦୀପ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ବାପି ସର୍ଖେଲ, ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ରାଜ୍ୟ ମହିଳା ବିଜେଡି ଉପସଭାପତି କନକ ପ୍ରଭା ଲେଙ୍କା, ଜିଲ୍ଲା ବିଜେଡି ଉପସଭାପତି ଦୀପ୍ତିକୁମାର ଦାସ, ସମସ୍ତ ବ୍ଲକ ବିଜେଡ଼ି ସଭାପତି, ଛାତ୍ର ବିଜେଡି ସଭାପତି ସମିତ ଲେଙ୍କା, ବିଜେଡି ଦଖଲରେ ଥିବା ସମସ୍ତ ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ଦଳୀୟ ଜିଲ୍ଲାପରିଷଦ ସଦସ୍ୟ ଓ ବିଭିନ୍ନ ପଞ୍ଚାୟତର ନେତୃମଣ୍ଡଳୀ ମାନେ ଏଥିରେ ସାମିଲ ହୋଇଥିଲେ।

# ବିଜେଡିର ସାଂଗଠନିକ ବୈଠକ



ବାଲିକୁଦା,୨୧।୨(ସମିସ): ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ବିଜେଡି ପକ୍ଷରୁ ଶ୍ରୀବନ୍ତପୁରସ୍ଥିତ ନୂଆଗାଦି ମଠ ପରିସରରେ ବ୍ଲକ ସଭାପତି ରତ୍ନାକର ନାୟକଙ୍କ ସଭାପତିତ୍ୱ ରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ପ୍ରତିନିଧି ମୁନା ସ୍ୱାଇଁପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ବିଜେଡି ସଭାପତି ରାମଚନ୍ଦ୍ର ସ୍ୱାଇଁ, ପବିତ୍ର ସ୍ୱାଇଁ, ମାନସ ଜେନା, ନାଏବ୍ ସରପଞ୍ଚ ଅଜୟ ମହାନ୍ତି, ମନୋଜ ଦାସ, ପୂର୍ବତନ ସମିତି ସଭ୍ୟ ବିକ୍ରମ ସେଠୀ, ବିହାରୀ ମହାନ୍ତି, ବଳରାମ ଜେନା, ପ୍ରତାପ ଜେନା, ଅଜୁ ଦାସ, କୃଷ୍ଣଚନ୍ଦ୍ର ନାୟକ, ବ୍ରଜକିଶୋର ନାୟକ, ତାପସ ମହାନ୍ତି, ବାଇଧର ବିଶ୍ୱାଳ, ସତ୍ୟାନନ୍ଦ ବିଶ୍ୱାଳ, ଉଲ୍ଲାସ ମଳିକ, ଜଟାଧାରୀ ରାଉତ, ବୀରବର ବିଶ୍ୱାଳ, ରାଜୁ ସ୍ୱାଇଁ, ନାଲା ଜେନା, ପ୍ରୟାସ ମୁଦୁଲିଙ୍କ ସମେତ ବହୁ ଛାମୁଆ ବିଜେଡି କର୍ମୀ ଦଳକୁ ସୃଦୃଢ କରିବା ପାଇଁ ସେମାନଙ୍କ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ୧୭ ୱାର୍ଡର ଅନେକ ଛାମୁଆ କର୍ମୀ ଉପସ୍ଥିତ ଥିଲେ।

## ଶିକ୍ଷକ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ

ରଘୁନାଥପୁର,୨୧।୨(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ଚିକିଣିଆ ସ୍ଥିତ ହେମଲତା ସରକାରୀ ଉପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ପଞ୍ଚଦିନ ବ୍ୟାପୀ ଶିକ୍ଷକ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ ଶନିବାର ଉଦ୍ଯାପିତ ହୋଇଯାଇଛି। ସିଆର୍‌ସିସି ନିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ତାଲିମ କେନ୍ଦ୍ରରେ ବିଭିନ୍ନ ବିଦ୍ୟାଳୟର ୫୨ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ। ତାଲିମଦାତା ଭାବେ ଡିଆଇଇଟିର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଜ୍ୟୋସ୍ନାରାଣୀ ଦାଶ, ସିଆର୍‌ସିସି ଦିଲୀପ କୁମାର ସ୍ୱାଇଁ, ସୋନା ମହାନ୍ତି ଓ ଚତୁର୍ଭୁଜ ନାୟକ ପ୍ରମୁଖ ନୂତନ ଶିକ୍ଷାନୀତି ଅନୁଯାଇ ପାଠ୍ୟକ୍ରମର ରୂପରେଖ ଓ ପଞ୍ଚବିଧି କାର୍ଯ୍ୟ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଚତୁର୍ଥ ଦିବସରେ ଡିଆଇଇଟିର ଅଧ୍ୟକ୍ଷ ରମେଶ ଚନ୍ଦ୍ର ମଲ୍ଲିକ ଉପସ୍ଥିତ ହୋଇ ପ୍ରଶିକ୍ଷଣର ଉଦ୍ଦେଶ୍ୟ ଓ ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ଆଲୋକପାତ କରିଥିଲେ। ଏବିଇଓ ଆଶୁତୋଷ ବାନାର୍ଜୀ କାର୍ଯ୍ୟକ୍ରମକୁ ପର୍ଯ୍ୟବେକ୍ଷଣ କରିଥିଲେ। ଶିକ୍ଷକ ନିର୍ମଳେନ୍ଦୁ ସୋମ, ସୁଧୀର କୁମାର ନାୟକ, ବନ୍ଦିତା ଦେଇ, ସନ୍ତୋଷ ଦଳାଇ ଓ ଅଜୟ କୁମାର ସାହୁଙ୍କ ଦ୍ୱାରା ପାଲା ପରିବେଷଣ ମାଧ୍ୟମରେ ପଞ୍ଚବିଧିର ଉପସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିୟ କୁମାର ଭୟା,ଶିକ୍ଷକ ଚିତ୍ରସେନ ସାହୁ,ନିର୍ମଳ କୁମାର ସାହୁ ଓ କାଞ୍ଚନବାଳା ବେହେରା ପାଞ୍ଚଦିନ ବ୍ୟାପି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପିପିଏଲ୍ ଟାଉନ୍‌ସିପ୍‌ରେ ମାତୃଭାଷା ଦିବସ

ପାରାଦୀପ,୨୧।୨(ସମିସ): ଡିଏଭି ପବ୍ଲିକ ସ୍କୁଲ ପିପିଏଲ ଟାଉନସିପ ପାରାଦୀପ ପରିସରରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସର୍ବପ୍ରଥମେ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ଓଡ଼ିଆ ଭାଷାର ଗୌରବମୟ ଜୟଯାତ୍ରା ସହିତ ଗରିମାମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ପରେ ପରେ ଓଡିଆ ଭାଷାରେ ସମ୍ବିଧାନ ପ୍ରସ୍ତାବନା ଉପସ୍ଥାପନ କରିବା ସହିତ ଶପଥ ପାଠ କରାଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୌଦାମିନୀ ନନ୍ଦ ଏବଂ ସଚଳା ପଟ୍ଟନାୟକ ନିଜର କବିତା ଉପସ୍ଥାପନ କରିଥିଲେ। ଓଡିଆ ବିଭାଗର ବରିଷ୍ଠ ଶିକ୍ଷୟିତ୍ରୀ ତତ୍ତ୍ୱଦର୍ଶିନୀ ପଟ୍ଟନାୟକ ମାତୃଭାଷାର ମୌଳିକତା ଏବଂ ଗୁରୁତ୍ୱ ଉପରେ ଆଲୋକପାତ କରାଇଥିଲେ। ଓଡ଼ିଆ ଶିକ୍ଷକ ସ୍ମୃତି ରଞ୍ଜନ ପ୍ରିୟଦର୍ଶୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ସଂଯୋଜକ ବୃନ୍ଦାବନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ମହାବିଦ୍ୟାଳୟରେ ମାତୃଭାଷା ଦିବସ

ବାଲିକୁଦା,୨୧।୨(ସମିସ): ବାଲିକୁଦା ମହିଳା ମହାବିଦ୍ୟାଳୟ ପରିସରରେ ଆମ ଓଡ଼ିଆ ପରିବାର, ସାଧୁଲକ୍ଷ୍ମୀ ସ୍ମୃତି ପରିଷଦ ଓ ମହାବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ହୋଇଯାଇଛି। ଅଧ୍ୟକ୍ଷା ତନୁଜାବାଳା କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଜଗତସିଂହପୁର ସାହିତ୍ୟ ପରିଷଦର ସମ୍ପାଦକ ତଥା ଗୀତିକବି ଉମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବରେ କବି ବଂଶୀଧର ବେହେରା, ଇଂରାଜୀ ଅଧ୍ୟାପିକା ସୌଦାମିନୀ ଶତପଥୀ, ଅଧ୍ୟାପିକା ରାଜଶ୍ରୀ ହୋତା ପ୍ରମୁଖ ଯୋଗଦେଇଥିଲେ। କବି ତଥା ପରିଷଦର ଆବାହକ ରଞ୍ଜିତ ଦାସ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ କହିଥିଲେ। ଛାତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ସମସ୍ତଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। କବି ରମେଶ ଚନ୍ଦ୍ର ବହିରା ମଞ୍ଚ ତଥା କବିତା ସଂଯୋଜନା କରିଥିଲେ। ଓଡ଼ିଆ ଅଧ୍ୟାପକ ସୁନୀଲ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପିକା କଲ୍ୟାଣୀ ପଣ୍ଡା, ଡ. ଅନିତା ପାତ୍ର, ବର୍ଷାରାଣୀ ପ୍ରଧାନ, ଶୁଭସ୍ମିତା ସାହୁ, ସୁସନ୍ଧ୍ୟା ପ୍ରିୟଦର୍ଶିନୀ, ବନଜା ବାରିକ, ଅଧ୍ୟାପକ ନରୋତ୍ତମ ଦାସ, ଲାଇବ୍ରେରିଆନ ଦେବେନ୍ଦ୍ର ମୁଦୁଲି, ପ୍ରାକ୍ତନ ଶିକ୍ଷାବିତ ଗଗନ ବିହାରୀ ବେହେରା, କବି ହୃଦାନନ୍ଦ ବାରିକ ଉପସ୍ଥିତ ରହି ମତାମତ ରଖିବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରମିକନେତା ଜିତେଶ ଚୌଧୁରୀଙ୍କ ସ୍ମୃତିସଭା



ତିର୍ତ୍ତୋଲ,୨୧।୨(ସମିସ): ତିର୍ତ୍ତୋଲ ବ୍ଲକ ତରଜଙ୍ଗା ପଞ୍ଚାୟତ ହାଜିପୁର ଗ୍ରାମର ଶ୍ରମିକ ନେତା ତଥା ପାରାଦୀପ ସାର କାରଖାନା ଷ୍ଟାଫ୍ ଆସୋସିଏସନର ପ୍ରତିଷ୍ଠାତା ସଦସ୍ୟ ଓ ପୂର୍ବତନ କାର୍ଯକାରୀ ସଭାପତି ଜିତେଶ ଚୌଧୁରୀଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତି ସଭା ସାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ଡ. ରାଜଶ୍ରୀ ମଲ୍ଲିକ, ସମ୍ମାନିତ ଅତିଥି ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ, ସମାଜସେବୀ ଯୁଧିଷ୍ଠିର ସେଠୀ, ଜିଲ୍ଲା ପରିଷଦ ଉପାଧକ୍ଷା ସୁଜାତା ମହାନ୍ତି, ପ୍ରାକ୍ତନ ମୁଖ୍ୟ ଯନ୍ତ୍ରୀ ଇଂ. ଆଶୁତୋଷ ମଲ୍ଲିକ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ବିଶିଷ୍ଟ ସମାଜସେବୀ ଅଶ୍ୱିନୀ ଦାସ, ଜିଲ୍ଲା ପରିଷଦ ଗଙ୍ଗାଧର ବିଶ୍ୱାଳ, ପିପିଏଲ ଷ୍ଟାଫ ଆସୋସିଏସନ୍ କାର୍ଯ୍ୟକାରୀ ସଭାପତି ପଞ୍ଚାନନ ପଟେଲ, ଉପସଭାପତି ହେମନ୍ତ ମେହେର, ସାଧାରଣ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ଓଝା, ପ୍ରାକ୍ତନ କୋଷାଧ୍ୟକ୍ଷ କୁଳମଣି ବେହେରା, ହରେକୃଷ୍ଣ ମହାନ୍ତି, ବିଶ୍ୱନାଥ ତାରେଣିଆ, ହରିହର ସାମଲ, ଅଜୟ ଦାସ, କୈଳାଶ ସ୍ୱାଇଁ, ଦୁର୍ଯ୍ୟୋଧନ ରାଉତ, ଭାଗିରଥି ମହାନ୍ତି, ଶିକ୍ଷାବିତ୍ ସମରେନ୍ଦ୍ର ସାହୁ, ରବିନାରାୟଣ ମହାନ୍ତି, ଶ୍ରୀକୃଷ୍ଣ ମହାନ୍ତି, ଜଗନ୍ନାଥ ଦାସ, ସୁଜିତ ଦାସ, ବିକାଶ ପରିଜା ପ୍ରମୁଖ ଯୋଗ ଦେଇଥିଲେ। ନୟନା ଚୌଧୁରୀ, ଋଷିକେଶ ଚୌଧୁରୀ, ରୁଚିସ୍ମିତା ଚୌଧୁରୀ, ନରେଶ ଚୌଧୁରୀ, ଅଶେଷ ଚୌଧୁରୀ, ଶୈଳେଶ ଚୌଧୁରୀ, ଭବେଶ ଚୌଧୁରୀ, ପ୍ରମୋଦ ଚୌଧୁରୀ(କୁନା), ପ୍ରତାପ ଚୌଧୁରୀ ଐଶ୍ୱର୍ଯ୍ୟା ମହାନ୍ତି, କଳ୍ପନା ଚୌଧୁରୀଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

## ମଧୁସୂଦନ କର୍ମକ୍ଷେତ୍ର ମଙ୍ଗୁଳି ଆଶ୍ରମର ବାର୍ଷିକ ଉତ୍ସବ

ବିରିଡ଼ି,୨୧।୨(ସମିସ): ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ଅନ୍ତର୍ଗତ ମଙ୍ଗୁଳି ଗ୍ରାମ ସ୍ଥିତ ଓଁଗୁରୁ ମଧୁସୂଦନ କର୍ମ କ୍ଷେତ୍ରରେ ଆଜି ବାର୍ଷିକ ଉତ୍ସବ ଆଶ୍ରମର ସେବିକା ବିନୋଦିନୀ ଦାସଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବ ଦିନ ଅଧିବାସ, କଳସ ସ୍ଥାପନ, ସମସ୍ତ ମନ୍ଦିରରେ ଧ୍ୱଜା ବନ୍ଧା ଯାଇଥିଲା। ପ୍ରତ୍ୟୁଷରୁ ମହାମନ୍ତ୍ର ନାମଜପରେ ଚତୁର୍ଥ ପ୍ରହର ନାମ କୀର୍ତ୍ତନ ହୋଇଥିଲା। ଗୁରୁଦେବ ପ୍ରେମାଚାର୍ଯ୍ୟ ବାବା



ମଧୁସୂଦନଙ୍କ ଶ୍ରୀବିଗ୍ରହ ଓ ପାଦୁକା ଆସନ୍ନ ମନ୍ଦିରରୁ ଅଣାଯାଇ ସ୍ୱତନ୍ତ୍ର ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ବାବାଜୀ ଆତ୍ମାନନ୍ଦ ଦାସ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରିଥିଲେ। ଏଥିରେ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସ ଯୋଗ ଦେଇ ଗୁରୁତତ୍ତ୍ୱ ଉପରେ ଆଲୋଚନା କରିଥିଲେ। ୧୯୫୯ ମସିହାରେ ବାବା ମଧୁସୂଦନ ଏହି ଅଞ୍ଚଳରେ ଆଶ୍ରମ କରିଥିଲେ। ସମସ୍ତଙ୍କ ଗୁରୁ ଏକ, ଧର୍ମ ଏକ ବୋଲି ସମସ୍ତ ଅଞ୍ଚଳରୁ ରାଜ୍ୟସ୍ତରୀୟ ପ୍ରଚାର ପ୍ରସାର କରୁଥିଲେ ବୋଲି ସେବକ ପ୍ରୀତିରଞ୍ଜନ ଦାସ ସୂଚନା ଦେଇଥିଲେ। ସବିତା ମା', ବାସନ୍ତୀ ମା', ଇଲା ମା', ପ୍ରଭାତୀ ମା', ଗୀତା ମା' ପ୍ରମୁଖ ବନ୍ଦାପନା କରିଥିଲେ। ସେବିକ ସବିତା ଦାସ ଓ ଇଲା ମା', ବିନୋଦିନୀ ମା', ଶିଶୁ କଳାକାର ଗୁରୁକୃଷ୍ଣ ସ୍ୱାଇଁ, ଧୋବା ଭାଇ, ପ୍ୟାରୀ ଭାଇ ଓ ବିଜୁ ଭାଇ ପ୍ରମୁଖ ଭଜନ ଗାନ କରିଥିଲେ। ଉକ୍ତ ଉତ୍ସବକୁ ମାଧବ ଭାଇ, ଅଭୟ ଭାଇ, ରଞ୍ଜିତ ଭାଇ, ଅମି ଭାଇ, କ୍ଷୀର ଭାଇ ଓ ରବି ଭାଇ ପ୍ରମୁଖ ପରିଚାଳନା କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ପିତାପୁତ୍ରଙ୍କ ସ୍ମୃତିସଭା



ଜଗତସିଂହପୁର,୨୧।୨(ସମିସ): ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ଦାୟାଦ ପରିଷଦ ଜଗତସିଂହପୁର ଆନୁକୂଲ୍ୟରେ ସଂଗ୍ରାମୀ ତୀର୍ଥଭୂମି ବାଗଲପୁର ଗ୍ରାମର ମହାନ୍ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସଙ୍କ ୫୪ତମ ଏବଂ ତାଙ୍କର ପୁତ୍ର ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ ଶଶିଭୂଷଣ ଦାସଙ୍କ ୧୫ତମ ସ୍ମୃତିସଭା ବଡ଼ବଜାର ସ୍ଥିତ ଶିଶୁଆଶ୍ରମ ଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସମ୍ପାଦକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ରାଜକିଶୋର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ ଓ ଅନ୍ୟତମ ସାମାଜିକ କର୍ମୀ ସୁଦର୍ଶନ ବେହେରା, ମୁଖ୍ୟବକ୍ତା ଭାବେ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ କୁମାର ଲେଙ୍କା ଏବଂ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦର ପୂର୍ବତନ ସଭାପତି ତଥା ପରିଷଦର ଉପଦେଷ୍ଟା ନଟବର ବାରିକ ପ୍ରମୁଖ ଯୋଗଦେଇଥିଲେ।ଆଶ୍ରମର ମୁଖ୍ୟ ପରିଚାଳକ ଅଞ୍ଜନେୟ ଆଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ଆୟୋଜିତ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଦିପାଲୀ ଓଝା, ସନ୍ତୋଷିନୀ ନନ୍ଦ ଓ ଆରିୟା ଦାସ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଆରିୟା ଦାସ, ହୃଷୀକେଶ ମହାନ୍ତି ଓ ଲିଜନ୍ ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦେବାଶିତା ସିଂହ ସ୍ୱାଗତଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ଆଶ୍ରମର ସମସ୍ତ କର୍ମଚାରୀଗଣ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଢ଼ଙ୍ଗାରେ ଭାଗବତ ପାରାୟଣ

ବାଲିକୁଦା,୨୧।୨(ସମିସ): ବାଲିକୁଦା ବ୍ଲକ ଅଢ଼ଙ୍ଗା ପଞ୍ଚାୟତ ପଶ୍ଚିମେଶ୍ୱର ମହାଦେବ ପ୍ରାଙ୍ଗଣରେ ଚତୁର୍ଥ ବାର୍ଷିକ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ବାଲିକୁଦା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଓ ଜିଲ୍ଲା ପରିଷଦ ସଭ୍ୟ ଜଟାଧାରୀ ଦାସ ଯୋଗ ଦେଇ ଉଦଘାଟନ କରିଥିଲେ। ୭ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରତ୍ୟକ ସନ୍ଧ୍ୟାରେ ପ୍ରବଚନ କରାଯାଉଛି। ମୁଖ୍ୟ ପୁରୋଧା ଭାବେ ବାବା ଦିବ୍ୟଶଙ୍କର ଦାସ ସମସ୍ତ କାର୍ଯ୍ୟର ତଦାରଖ କରୁଥିବା ବେଳେ ବିପିନ ବିହାରୀ ସ୍ୱାଇଁ, ସୁକାନ୍ତ ମହାରଣା, ଚନ୍ଦ୍ରକାନ୍ତ ମହାରଣା, ନାରାୟଣ ମହାରଣାଙ୍କ ସମେତ ସମସ୍ତ ମନ୍ଦିର ପରିଚାଳନା କମିଟି ଓ ଅଢଙ୍ଗା ଗ୍ରାମବାସୀ ସହାୟତା କରୁଛନ୍ତି।

## 'ଶ୍ରୀକୃଷ୍ଣଙ୍କ ଲୀଳାରୁ ମଣିଷ ଦିବ୍ୟ ଦର୍ଶନ ପାଇଥାଏ'

ଜଗତସିଂହପୁର,୨୧।୨(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ମଣ୍ଡଳର ସାହାଡା ଗ୍ରାମରେ ଶ୍ରୀଶ୍ରୀ ଗୋପିନାଥଜୀଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ପଞ୍ଚମ ସନ୍ଧ୍ୟା ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ଟ୍ରଷ୍ଟି ଡ. ଅଭୟ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଧାରାବାହିକ ପ୍ରବକ୍ତା ଭାବେ ଯୋଗ ଦେଇ ବାବା ସତ୍ୟାନନ୍ଦ ଦାସ ମହାରାଜ କହିଲେ ଯେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଓ ଲୀଳା ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କ ଲୀଳାରୁ ଆମକୁ ଅନେକ କଥା ଶିଖିବାକୁ ମିଳିଥାଏ। ଗୀତା, ଭାଗବତ ଓ ରାମାୟଣ ପାଠକଲେ ଜଣେ ଅବଶ୍ୟ ଭଗବତ୍ ପ୍ରାପ୍ତି ହେବ। ବାବା ସତ୍ୟାନନ୍ଦ ତାଙ୍କ ପ୍ରବଚନ କ୍ରମରେ ଶ୍ରୀକୃଷ୍ଣଙ୍କ ଗୋପଲୀଳା ବର୍ଣ୍ଣନା କରିଥିଲେ। ଯଜ୍ଞର ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାକୁ ପରିଚାଳିତ କରିଥିଲେ ଲଲାଟେନ୍ଦୁ, ଜ୍ୟୋତିରଞ୍ଜନ, ରଶ୍ମିରଞ୍ଜନ,ସୁଦର୍ଶନ, ଆଲୋକ, ସାଇ ଶାଶ୍ୱତ ଓ ସୁଶ୍ରୀ ଶଭଶ୍ରୀ ରାୟ ସହଯୋଗ କରିଥିଲେ।

## ମାତୃଭାଷା ଦିବସରେ ଯୁବ କର୍ମଶାଳା

ଜଗତସିଂହପୁର,୨୧।୨(ସମିସ): ମାତୃଭାଷା ଦିବସ ଅବସରରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଆମ ଗୌରବ ଆମ କଲେଜ ପରିଚାଳନା ସଂଗଠନ ଆନୁକୂଲ୍ୟରେ "ବ୍ୟକ୍ତିତ୍ୱ ଗଠନରେ ମାତୃଭାଷାର ଭୂମିକା' ଶୀର୍ଷକ ଯୁବ କାର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ତଥା ସ୍ତମ୍ଭକାର ଦେବେନ୍ଦ୍ର ନାଥ ରାଉତ ମୁଖ୍ୟବକ୍ତା ଭାବରେ ଆଭାଷୀ ମାଧ୍ୟମରେ ଯୋଗଦେଇ ଓଡ଼ିଶାର ବିଭିନ୍ନ ଅଞ୍ଚଳର ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ କଲେଜର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଏହି ଗୁରୁତ୍ୱପୂର୍ଣ୍ଣ କର୍ମଶାଳାରେ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆମ ଗୌରବ ଆମ କଲେଜ ପରିଚାଳନା ସଂଗଠନ ତରଫରୁ ଚୈତାଳି ସୋମ ପରିଚାଳନା କରିଥିବା ବେଳେ ଏହାର ମୁଖ୍ୟ ପ୍ରଶାସନିକ ଅଧିକାରୀ ଧିରେନ୍ଦ୍ର ନାଥ କରଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କ ମଧ୍ୟରେ ସ୍ୱାତୀପ୍ରଭା ମିଶ୍ର, ଅଭିରାମ ଜେନା, ପ୍ରିତିନନ୍ଦ ମହାପାତ୍ର ଉପସ୍ଥିତ ଥିଲେ।

# ବାରଦେଇଙ୍କ ପୀଠରେ ଧନୁଯାତ୍ରା



ନାଉଗାଁ,୨୧।୨(ସମିସ)

ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣା ପଞ୍ଚାୟତ ସ୍ଥିତ ତେଣ୍ଟୋଇ ଗ୍ରାମର ମା' ବାରଦେଇଙ୍କ ପୀଠରେ ଚତୁର୍ଥ ବାର୍ଷିକ ଧନୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ନାଉଗାଁ ବିଡିଓ ନିରଞ୍ଜନ ପରିଡା, ଯୁବ ସଂଗଠକ ତଥା ସମାଜସେବୀ ଦିଲିପ ଲେଙ୍କା, ତିରୁଣା ପଞ୍ଚାୟତ ସରପଞ୍ଚ ଲକ୍ଷ୍ମଣ ସ୍ୱାଇଁ ଯୋଗଦେଇଥିଲେ। ଧନୁଯାତ୍ରାର ପ୍ରଥମ ଦିନରେ ମହାରାଜା ଉଗ୍ରସେନଙ୍କ ନଗର ଭ୍ରମଣ ସାରିବା ପରେ ଯୁବରାଜ କଂସ ଦିଗ୍‌ବିଜୟ କରି ଆସି ରାଜ ଦରବାରରେ ପହଞ୍ଚିଥିଲେ। ସେଠାରେ ଦେବକୀ ଓ ବାସୁଦେବଙ୍କ ବିବାହ ସଂପୂର୍ଣ୍ଣ ହେବା ପରେ ହୋଇଥିଲା ଶୂନ୍ୟବାଣୀ। ଯାହାକୁ ନେଇ ଯୁବରାଜ କଂସ ବ୍ୟସ୍ତ ଓ ବିଚଳିତ ହୋଇ ପିତା ଉଗ୍ରସେନଙ୍କୁ ଗାଦିଚ୍ୟୁତ କରିବା ସହ ଦେବକୀ ଓ ବାସୁଦେବକୁ କାରାଗାରରେ ବନ୍ଦୀ କରି ବଳ ପୂର୍ବକ ନିଜେ ରାଜଗାଦିରେ ବସି ରାଜ୍ୟାଭିଷେକ କରିଥିଲେ। ଏବେ ସମଗ୍ର ନାଉଗାଁ ଅଞ୍ଚଳ ମଥୁରା ନଗରୀରେ ପରିଣତ ହୋବା ପରେ ଆରମ୍ଭ ହୋଇଛି ମହାରାଜ କଂସଙ୍କ ରାଜୁତି। ଏହା ଆସନ୍ତା ୨୪ ତାରିଖରେ ଶେଷ ହେବବୋଲି ଧନୁଯାତ୍ରା ଆୟୋଜକଙ୍କ ଠାରୁ ସୂଚନା ମିଳିଛି।

## ସାମ୍ବାଦିକଙ୍କୁ ଆକ୍ରମଣର ପ୍ରତିବାଦ



ଜଗତସିଂହପୁର,୨୧।୨(ସମିସ): ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗର ସାମ୍ବାଦିକ ଶାନ୍ତନୁ କୁମାର ଭୁକ୍ତା ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ସ୍ନାନ କରିବାକୁ ଯାଇଥିବା ବେଳେ ବାଲି ମାଫିଆ ଓ ତାଙ୍କ ଦ୍ୱାରା ପ୍ରେରିତ ୬ ଜଣ ବ୍ୟକ୍ତି ତାଙ୍କୁ ଖଣ୍ଡା ଭୁଜାଲିରେ ହାଣି ମରଣାନ୍ତକ ଆକ୍ରମଣ କରିଛନ୍ତି। ଶାନ୍ତନୁଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ସାମ୍ବାଦିକ ଶାନ୍ତନୁଙ୍କ ଉପରେ ଏହି ଆକ୍ରମଣକୁ "ଷ୍ଟେଟ ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟସ (ଏସ୍‌ୟୁଜେ) ଜଗତସିଂହପୁର ଜିଲ୍ଲା ଶାଖା ତରଫରୁ ତୀବ୍ର ନିନ୍ଦା କରିବା ସହିତ ଅଭିଯୁକ୍ତ ମାନଙ୍କୁ ୨୪ ଘଣ୍ଟା ଭିତରେ ଗିରଫ କରିବାକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଜରିଆରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏସ୍‌ୟୁଜେ ଓଡିଶା ଜଗତସିଂହପୁର ଜିଲ୍ଲା ଶାଖା ଉପଦେଷ୍ଟା ସରୋଜ କୁମାର ନାୟକ, ଅକ୍ଷୟ କୁମାର ଦାସ, କାର୍ଯ୍ୟକାରୀ ସଭାପତି ତପନ କୁମାର ରାଉତରାୟ, ଜିଲ୍ଲା ସଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡା, ନୃସିଂହ ଚରଣ ମହାନ୍ତି, ବିକ୍ରମ କୁମାର ମହାନ୍ତି, ସାରଦା ଦାସ, ଲୋକନାଥ ସାହୁ, ତପନ କୁମାର ଦାସ, ଶିବଦତ୍ତ ଭାରତ, ସଞ୍ଜୟ ଭାରତ, ଚନ୍ଦନ ପରିଜା, ସାରଦା ପ୍ରସନ୍ନ ଖଟୁଆ, ସଂଗ୍ରାମ କେଶରୀ ପଟ୍ଟନାୟକ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

● ୧୭ ଦଫା ଦାବି

## କେନ୍ଦୁପତ୍ର ତୋଳାଳି-କର୍ମଚାରୀଙ୍କ ଶାନ୍ତିପୂର୍ଣ୍ଣ ଧାରଣା



**କଙ୍କଡ଼ାହାଡ଼,୨୧।୨(ସମିସ):** କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ କେନ୍ଦୁଝରର କେନ୍ଦୁପତ୍ର ଡିଭିଜନ ମହାବିରୋଡ କେନ୍ଦୁପତ୍ର ରେଞ୍ଜର କର୍ମଚାରୀ ସଂଘ ପକ୍ଷରୁ ୧୭ ଦଫା ଦାବି ନେଇ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆହ୍ୱାନକ୍ରମେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ କେନ୍ଦୁଝର ଡିଭିଜନ ଯୁଗ୍ମ ସମ୍ପାଦକ ତଥା ମହାବିରୋଡ଼ ରେଞ୍ଜ ସମ୍ପାଦକ ଦିବ୍ୟସିଂହ ଦେହୁରୀଙ୍କ ନେତୃତ୍ୱରେ ଗଣଧାରଣା ହେଉଛି । ରାଜ୍ୟରେ କେନ୍ଦୁପତ୍ର ତୋଳାଳି, ସିଜନାଲ କର୍ମଚାରୀ, ବନ୍ଧେଇ ଶ୍ରମିକ ଓ ଅନୁଷଙ୍ଗିକ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ନେଇ ରାଜ୍ୟବ୍ୟାପୀ ୧୭ ଦଫା ଦାବି ନେଇ ଏହି ଆନ୍ଦୋଳନ ଚାଲୁ ରହିବ । ଏହି ଆନ୍ଦୋଳନରେ କର୍ମଚାରୀ ସଙ୍ଘ କୋଷାଧ୍ୟକ୍ଷ ନରହରି ହାତୀ, ସୁଶାନ୍ତ ନାୟକ, ଭାବଗ୍ରାହୀ ଦାସ, ଦେବାନନ୍ଦ ସାହୁ, ବିରଞ୍ଚି ସାହୁ, ନରେନ୍ଦ୍ର ବିଶ୍ୱାଳ, ଲିପୁନ ସାହୁ, ଉଦ୍ଧବ ସାହୁ, ଇଶ୍ୱର ନାଏକ, ଶ୍ରୀକାନ୍ତ ସାହୁ, ବିଳାସ ଷଣ୍ଢ, କଇଁତା ବେହେରା, ମିନତୀ ସାହୁଙ୍କ ସହିତ କେନ୍ଦୁପତ୍ର ତୋଳାଳି, ମୁନସି, ଫଡ଼ି ସାଥୀ, ବନ୍ଧେଇ ଶ୍ରମିକ, ୱାଚର, ସିଜିନାଲ କର୍ମଚାରୀ ସାମିଲ ହୋଇଥିଲେ ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ



**ଢେଙ୍କାନାଳ,୨୧।୨(ସମିସ):** ପୁଲିସ ଲାଇନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମାତୃଭାଷାକୁ ସମ୍ମାନ ଜଣାଇବା ପ୍ରତ୍ୟେକ ଓଡିଆ ନାଗରିକର କର୍ତ୍ତବ୍ୟ ଉପରେ ଆଲୋଚନା ହୋଇଥିଲା । ସେହିପରି ଅଭିଭାବକ ସମ୍ମିଳନୀ, ଆଲୋଚନାଚକ୍ର, ସମ୍ବିଧାନର ପ୍ରସ୍ତାବନା ପଠନ, ଶପଥ ପାଠ ଆଦି କରାଯାଇଥିଲା । ଛାତ୍ରଛାତ୍ରୀଙ୍କୁ ନେଇ ଗଳ୍ପ କଥନ, କବିତା ଆବୃତ୍ତି, ବକ୍ତୃତା, କୁଇଜ୍, ରଚନା, ନୃତ୍ୟ ଏବଂ ଗୀତ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ସଭାରେ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ସଦସ୍ୟସଦସ୍ୟା ତଥା ଅଭିଭାବକ ଓ ଅଭିଭାବିକା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଗୁରୁଛାତ୍ରଛାତ୍ରୀ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରେଖା ସାହୁ ଧନ୍ୟବାଦ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ସାମ୍ବାଦିକ ସଂଘର ଦାବିପତ୍ର



**ପରଜଙ୍ଗ,୨୧।୨(ସମିସ):** ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ଅର୍ନ୍ତଗତ କାର୍ଯ୍ୟରତ ସାମ୍ବାଦିକ ଶାନ୍ତନୁ କୁମାର ଭୁକ୍ତାଙ୍କୁ ଗତ ଫେବୃଆରୀ ୧୯ ତାରିଖ ପୂର୍ବାହ୍ଣରେ ନିଜ ଗ୍ରାମ ଅନୁଗୋଳ ଜିଲ୍ଲା ତାଳଚେର ଥାନା ସନ୍ଥପଡ଼ା ଗ୍ରାମ ନିକଟ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଉଥିବା ବେଳେ ୬ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଖଣ୍ଡା, ବାଡ଼ି ଧରି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ସେ ଏବେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ରହିଛନ୍ତି । ଆକ୍ରମଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସକାଶେ ପରଜଙ୍ଗ କାର୍ଯ୍ୟରତ ସାମ୍ବାଦିକ ସଙ୍ଘ ସଭାପତି ବିନୟ ଦାସ, ସମ୍ପାଦକ ଅମରେନ୍ଦ୍ର ଦାସ, ନିଗମାନନ୍ଦ ଦଳବେହେରା, ସୁଜିତ୍ ଦଳବେହେରା, ଚିରଞ୍ଜିବୀ ଜେନା, ସୁବ୍ରତ ବିଶ୍ୱାଳ, ଭୀମସେନ ଖଟୁଆ, ଶଙ୍କର୍ଷଣ ସାହୁ, ବିପିନ ବିହାରୀ ଜେନା, ଗୋପବନ୍ଧୁ ଜେନା, ରିପୁରଞ୍ଜନ ବିଶ୍ୱାଳ, ସମୀର ଦେହୁରୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପରଜଙ୍ଗ ତହସିଲଦାର ସୁଦେବ କୁମାର ପୃଷ୍ଟିଙ୍କ ଜରିଆରେ ଶନିବାର ମଧ୍ୟାହ୍ନ ବେଳେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି ।

# ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ଜୋର ଧରିଲା

**ଢେଙ୍କାନାଳ,୨୧।୨(ସମିସ):**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଲୁମନି ଆସୋସିଏସନର ତଥ୍ୟ ଅନୁସନ୍ଧାନ ଉପକମିଟିର ଅଧ୍ୟକ୍ଷ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥଙ୍କ ନେତୃତ୍ୱରେ ଏକ କମିଟି ଆଜି ପୂର୍ବାହ୍ନରେ ସ୍ୱୟଂଶାସିତ ମହାବିଦ୍ୟାଳୟ ଗସ୍ତ କରି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଏବଂ ବିଭିନ୍ନ ବିଭାଗର ମୁଖ୍ୟମାନଙ୍କ ସହିତ ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସକ୍ରାନ୍ତରେ ପଚାରିଥିଲେ । ସମ୍ପ୍ରତି ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବହୁବିଧ ସମସ୍ୟା ଓ ଏହାର ନିରାକରଣ ବିଶେଷକରି ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିନେଇ ସରକାରଙ୍କ ଟାଳଟୁଳ ନୀତି ସମ୍ପର୍କରେ ସମୀକ୍ଷା କରିବା ସହ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ଗୁଣାତ୍ମକ ଶିକ୍ଷା, ବିଭିନ୍ନ



ବିଭାଗରେ ଖାଲିପଡ଼ିଥିବା ପଦ ପୂରଣ, ନୂତନ ପଦ ସୃଷ୍ଟି, ପ୍ରଶାସନୀକ ଗୃହନିର୍ମାଣ, ଆବଶ୍ୟକ ଶ୍ରେଣୀଗୃହ ନିର୍ମାଣ, ପିଜି ଶ୍ରେଣୀ ପାଇଁ ସ୍ୱତନ୍ତ୍ର ଶ୍ରେଣୀଗୃହ ନିର୍ମାଣ, ଲାଇବ୍ରେରୀ ଓ ପାଠାଗାର ସମ୍ପ୍ରସାରଣ, ୫୦୦ ସଂଖ୍ୟା ବିଶିଷ୍ଟ ମହିଳା ହଷ୍ଟେଲ ନିର୍ମାଣ, ଅତ୍ୟାଧୁନିକ ଷ୍ଟାଫ କମନରୁମ ଖେଳ ପଡ଼ିଆର ଉନ୍ନତିକରଣ, ବଟାନିକାଲ ଗାର୍ଡେନର ଉନ୍ନତିକରଣ ପାନୀୟଜଳ, କ୍ୟାଣ୍ଟିନ ଓ ଆଲୋକ ବ୍ୟବସ୍ଥା ସାଙ୍ଗକୁ ଯାନବାହନ ପାର୍କିଂ ବ୍ୟବସ୍ଥା ଓ ମହାବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ, ଷ୍ଟାଫ କ୍ୱାର୍ଟର୍ସ ମରାମତି ସାଙ୍ଗକୁ ନିର୍ମାଣ ପ୍ରସଙ୍ଗକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ପୂର୍ବରୁ ଏଠାରେ ଥିବା ଡାକଘର ଓ ବ୍ୟାଙ୍କ ଶାଖା ପୁନଃସ୍ଥାପନା ସାଙ୍ଗକୁ ଓଡ଼ିଶାର ଏହା ଏକ ପୁରାତନ ଓ ଖ୍ୟାତନାମା ମହାବିଦ୍ୟାଳୟ ହୋଇଥିବାରୁ ଏହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ବହୁ ପୂର୍ବରୁ ଆଲୁମିନି ସଂଘ ପକ୍ଷରୁ ଦାବି ହୋଇଆସୁଥିଲା ବେଳେ ସରକାର ଏଥିପ୍ରତି ଅଣଦେଖା କରିଚାଲିଛନ୍ତି । ଖୁବଶୀଘ୍ର ସକ୍ରାନ୍ତରେ ଏକ ପ୍ରତିନିଧିମଣ୍ଡଳ ରାଜ୍ୟ ସରକାରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବେ । ଏହି ସମୀକ୍ଷାରେ ଆଲୁମନୀ ସଂଘର ଉପସଭାପତି ସୁକାନ୍ତ ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ରତନ ନାୟାର, କୋଷାଧ୍ୟକ୍ଷ ସୁନିଲ ଦାସ, ଆଲୁମିନି ସଦସ୍ୟ ସତ୍ୟସ୍ୱରୂପ ଦାସ ଓ ଅରବିନ୍ଦ ସାହୁ, ମହାବିଦ୍ୟାଳୟ ପକ୍ଷରୁ ଡଃ ବିଭୁଦତ୍ତ ଦାସ, ଡା ଆରଏନ ଖୁଣ୍ଟିଆ, ଡଃ ରୁବେର୍ତ୍ତ ଭଦ୍ର, ଡଃ ସମ୍ବିତ ସାହୁ, ଡଃ ଭୁପେଶ ସାହୁ ଭାଗ ନେଇଥିଲେ ।

## ନବମ ଶ୍ରେଣୀ ଛାତ୍ରୀ ଦେଲେ ଦଶମ ପରୀକ୍ଷା

**ଭୁବନ, ୨୧।୨(ସମିସ):** ନବମ ଶ୍ରେଣୀ ଛାତ୍ରୀ ଦେଲେ ଦଶମ ପରୀକ୍ଷା । ଦଶମଶ୍ରେଣୀ ଛାତ୍ରୀଙ୍କ ସାହାରା ପାଲଟିଛନ୍ତି ନବମ ଛାତ୍ରୀ । ୨ ଛାତ୍ରୀ ପରୀକ୍ଷା ଦେଉଛନ୍ତି ନୂଆ ଭୁବନ ନୋଡାଲ କେନ୍ଦ୍ରରେ । ଜଣେ ହେଲେ ଡିମ୍ପଲ ନାୟକ, ଅନ୍ୟ ଜଣେ ବର୍ଷାରାଣୀ ସାହୁ । ସେ ୨ ଜଣ ଅନ୍ୟ ୨ ଦିବ୍ୟାଙ୍ଗ ଛାତ୍ରୀଙ୍କୁ ସହାୟତା କରୁଛନ୍ତି । ଧନ୍ୟବାଦର ପାତ୍ର ହୋଇଛନ୍ତି ଡିମ୍ପଲ ଓ ବର୍ଷା । ଜାତୀୟ ବିଦ୍ୟା ନିକେତନ ମହୁଲପାଳର ଅମୂଲ୍ୟ ଓଝାଙ୍କ ଝିଅ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଭୁବନ ଲତାବିଲର ନିରଞ୍ଜନ ସାହୁଙ୍କ ଝିଅ ସ୍ମୃତିରେଖା ସାହୁ । ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ ଜଣେ ଛାତ୍ର ଧର୍ମେନ୍ଦ୍ର ବେହେରାଙ୍କ ନିମନ୍ତେ ମାନସ ନାୟକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଉଛନ୍ତି । ସମୁଦାୟ ୩୬ ଜଣେ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୩ ସିଡବ୍ଲ୍ୟୁଏସଏନ ବିଦ୍ୟାର୍ଥୀଙ୍କ ନିମନ୍ତେ ନବମ ଶ୍ରେଣୀ ବିଦ୍ୟାର୍ଥୀ ପରୀକ୍ଷା ଦେଉଛନ୍ତି ବୋଲି ବ୍ଲକ ମୁଖ୍ୟ କଳ୍ପନା ସାହୁ କହିଛନ୍ତି । ଭୁବନର ନୋଡାଲ କେନ୍ଦ୍ର ସରକାରୀ



ବାଳିକା ଉଚ୍ଚ ବିଦ୍ୟାଳୟ ଅଧୀନରେ ମୋଟ ୧୦ଟି ପରୀକ୍ଷା କେନ୍ଦ୍ରରେ ୧୬୫୮ ଜଣ ପରୀକ୍ଷାର୍ଥୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବା ପାଇଁ ସ୍ଥିର ହୋଇଥିଲା । ଇତିମଧ୍ୟରେ ମାତୃଭାଷା ଓ ଇଂରାଜୀ ପରୀକ୍ଷା ଶେଷ ହୋଇଛି । ପ୍ରଥମ ଦିନ ୨୫ ଜଣ ଅନୁପସ୍ଥିତ ଥିବା ବେଳେ ଦ୍ୱିତୀୟ ଦିନ ୨୪ ଜଣ ଅନୁପସ୍ଥିତ ଅଛନ୍ତି । ଗଣିତ ବିଷୟ ଦିନ ଅଧିକ ୧୫ ମି. ସମୟ ଧାର୍ଯ୍ୟ ହୋଇଥିବା ନିହାଲପ୍ରସାଦ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଭୁବନ ନୋଡାଲ ଅଧିକାରୀ ରଞ୍ଜନ ରଣାଙ୍କ ସୂତ୍ରରୁ ପ୍ରକାଶ ।



ଗଁଦିଆ ଏନ୍‌ଏସି ସାନି ସୀମା ନିର୍ଦ୍ଧାରଣ ଆସନ ସଂରକ୍ଷଣ ଏବଂ ୱାର୍ଡ ଗଠନ କ୍ଷେତ୍ରରେ ଜନସଂଖ୍ୟା ତଥା ୱାର୍ଡର ପରିସୀମା ଚିହ୍ନଟକୁ ନେଇ ନିର୍ବାହୀ ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅଭିଯୋଗପତ୍ର

## ରମା ବ୍ଲକ୍, ଶୁଭେନ୍ଦୁ ଏନ୍‌ଏସି ବିଜେଡି ସଭାପତି

**ଭୁବନ,୨୧।୨(ସମିସ):** ବିଜୁ ଜନତା ଦଳ ସୁପ୍ରିମୋ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ରମେଶଚନ୍ଦ୍ର ସାହୁ (ରମା)ଙ୍କୁ ଭୁବନ ବ୍ଲକ ଏବଂ ପୂର୍ବତନ ନଗରପାଳ ଶୁଭେନ୍ଦୁ କୁମାର ସାହୁ (ମୁନା)ଙ୍କୁ ଭୁବନ ଏନ୍‌ଏସି ସଭାପତି ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି । ଶ୍ରୀ ସାହୁ ୨୦୦୪ରୁ ଦଳରେ କାର୍ଯ୍ୟ କରିଆସୁଥିଲା ବେଳେ ୨୦୧୨ ରୁ ୨୦୧୭ ପର୍ଯ୍ୟନ୍ତ ଧଳପଡା ସରପଞ୍ଚ ରହିଥିଲେ । ୨୦୧୬ରୁ ୨୦୧୯ ଯାଏଁ କମାକ୍ଷାନଗର ନିର୍ବାଚନମଣ୍ଡଳୀ ଯୁବ ସଭାପତି





ଏବଂ ୨୦୧୯ ରେ ଭୁବନ ବ୍ଲକ ବିଜେଡି ସଭାପତି ଥିଲେ । ୨୦୨୨ରେ ଦ୍ୱିତୀୟଥର ପାଇଁ ବ୍ଲକ ବିଜେଡି ସଭାପତି ଦାୟିତ୍ୱ ନେବା ସହ ୨ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇ କାର୍ଯ୍ୟ କରୁଛନ୍ତି ।

ଭୁବନ ଏନଏସିର ଶୁଭେନ୍ଦୁ ବିଶିଷ୍ଟ ଉଦ୍ୟୋଗପତି ଅଟନ୍ତି । ୨୦୨୨ରୁ ଦଳରେ ରହି ନଗରପାଳ ଭାବେ କାର୍ଯ୍ୟ କରିଆସୁଥିଲେ । ୨୦୨୫ ସେପ୍‌ଟେମ୍ବରରେ ତାଙ୍କ ବିବାଦୀୟ ତଥା ଆଇନ ଦ୍ୱାରା ବିଚାରାଧୀନ ନିଲମ୍ବନ ମଧ୍ୟରେ ତାଙ୍କୁ ଏନଏସି ସଭାପତି କରାଯିବା ଘଟଣାକୁ ସମର୍ଥକମାନେ ସ୍ୱାଗତ କରିଛନ୍ତି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ଜିଲ୍ଲା ବିଜେଡି ସଭାପତି ଡ଼ା ନୃସିଂହ ଚରଣ ସାହୁ, ବରିଷ୍ଠ ନେତା ଡ଼ା ଅବିନାଶ ସାମଲ, ପୂର୍ବତନ ସାଂସଦ ମହେଶ ସାହୁ ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳଙ୍କୁ ଏଥିପାଇଁ କୃତଜ୍ଞତା ଜ୍ଞାପନ କରାଯାଇଛି । ରବିବାର ନୀଳକଣ୍ଠପୁରରେ ଉଭୟ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି ।

## ବାଜିରାଉତ ପୋଲ ବିପଦସଙ୍କୁଳ

**ଭୁବନ,୨୧।୨(ସମିସ):** ଭୁବନଠାରୁ ଢେଙ୍କାନାଳ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ବାଜିରାଉତ ସେତୁରେ ଗତ ୨୭ ତାରିଖ ପୋଲର ସୁରକ୍ଷା ବାଡ଼ ଭାଙ୍ଗି ଏକ ଗାଡ଼ି ପଳାଇ ଯାଇଥିଲା । ଗାଡ଼ିଟି ଦ୍ରୁତ ଗତିରେ ଢେଙ୍କାନାଳ ଆଡୁ ଭୁବନ ପଟକୁ ମାଡିଆସିଥିଲା । ଦୁର୍ଘଟଣା ପରେ ଗାଡ଼ିଟି ଦ୍ରୁତ ଗତିରେ ଭୁବନ ରାସ୍ତାଦେଇ ପଳାଇଯାଇଛି । ୨୫ ଦିନ ବିତିଗଲାଣି ମାତ୍ର ପୂର୍ତ୍ତ ବିଭାଗ କେବଳ ବାଉଁଶ ବାଡ଼ ବାନ୍ଧି ନିଜ ଦାୟିତ୍ୱ ସାରି ଦେଇଛି । ଦୈନିକ ଶହ ଶହ ଲୋକ ପୋଲର ପାଦଚଲା ରାସ୍ତାରେ ସକାଳ ଓ ସାନ୍ଧ୍ୟ ଭ୍ରମଣ କରୁଛନ୍ତି । ଏନେଇ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଗ୍ରାମବାସୀଙ୍କ ପକ୍ଷରୁ ଜଣାଯାଇଥିଲେ ବି ମରାମତି ହେଉନାହିଁ । ଫଳରେ ଅସନ୍ତୋଷ ପ୍ରକାଶ ପାଇଛି ।

## ଗଁଦିଆ ସ୍ମୃତିସଂସଦର ସ୍ମୃତିଚାରଣ ସଭା

**ଯୋରନ୍ଦା,୨୧।୨(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ସନ୍ଥପୁରଠାରେ ଗଁଦିଆ ସ୍ମୃତିସଂସଦ ଆନୁକୂଲ୍ୟରେ ଅବସରପ୍ରାପ୍ତ ରେଞ୍ଜର ହୃଦାନନ୍ଦ ରାଉତଙ୍କ ଧର୍ମପତ୍ନୀ ଅମୂଲ୍ୟବାଳା ରାଉତଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସ୍ମୃତିସଂସଦ ସଭାପତି ଡମ୍ବରୁଧର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସିବିଆଇ ଜଜ ଭୀକାରୀ ଚରଣ ରାଉତ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ମଙ୍ଗୁଳି ଚରଣ ବିଶ୍ୱାଳ, ସମ୍ମାନିତ ବକ୍ତା ଭାବେ ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ ପ୍ରମୁଖ ସ୍ମୃତିଚାରଣ କରିଥିଲେ । ସମାଜସେବୀ ଅଭିମନ୍ୟୁ ଦାସଙ୍କ ଗୀତାପାଠ କରିଥିଲେ । ଅତିଥିମାନେ ସ୍ୱର୍ଗୀୟ ଅମୂଲ୍ୟବାଳାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସ୍ମୃତି ସଂସଦ ସମ୍ପାଦକ ପ୍ରକୃତିବନ୍ଧୁ ହରିହର ସାହୁ ଧନ୍ୟବାଦ ଦେଇଥିଲେ ।

## ୪୩୦୦ ଭତ୍ତା ଆବେଦନକାରୀ ହତାଶ

**ଖଜୁରିଆକଟା,୨୧।୨(ସମିସ):** ୨୦୨୪ ମାର୍ଚ୍ଚ ମାସରୁ ଅଦ୍ୟାବଧି ଭତ୍ତା ଆବେଦନକାରୀଙ୍କ ପାଇଁ ସରକାରୀ ସ୍ତରରେ ଅର୍ଥ ମଞ୍ଜୁର ହେଉ ନଥିବାରୁ ସେମାନେ ଏଥିରୁ ବଞ୍ଚିତ ରହିଛନ୍ତି । ବିଶେଷ କରି ବାର୍ଦ୍ଧକ୍ୟ ଭତ୍ତା ପାଇଁ ନୂଆଁ ଲକ୍ଷ ଧାର୍ଯ୍ୟ ପୂରଣ ପାଇଁ ସରକାରୀ ସ୍ତରରେ ନିର୍ଦ୍ଦେଶନାମା ଜାରି ହେଉ ନଥିବାରୁ ଆଶାୟୀ ମାନେ ହତାଶ ହୋଇ ପଡ଼ିଛନ୍ତି । ବ୍ଲକ ସ୍ତରରେ କିଛି କିଛି ଯୋଗ୍ୟ ହିତାଧିକାରୀଙ୍କୁ ଏଥିରେ ସାମିଲ କରାଯାଉଥିଲେ ମଧ୍ୟ ଏହାର ସଂଖ୍ୟା ବାର୍ଦ୍ଧକ୍ୟ ଭତ୍ତା ଆଶାୟୀଙ୍କଠାରୁ କମ୍ ରହୁଛି । ଢେଙ୍କାନାଳ ହିନ୍ଦୋଳ ନିର୍ବାଚନମଣ୍ଡଳୀ ହିନ୍ଦୋଳ ବ୍ଲକରେ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନା ଓ କେନ୍ଦ୍ର ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ୪୩୦୦ ଆବେଦନକାରୀ ଏବେବି ବାର୍ଦ୍ଧକ୍ୟ ଭତ୍ତା ପାଇଁ ଚାତକ ଭଳି ଚାହିଁ ରହିଛନ୍ତି । ଜଣେ ଭିନ୍ନକ୍ଷମ ୪୦% ପ୍ରମାଣପତ୍ର ପାଇଥିଲେ ଭତ୍ତା ପାଇବାକୁ ହକଦାର୍ ଥିଲା ବେଳେ ୮୦% ପ୍ରତିଶତ ଭିନ୍ନକ୍ଷମଙ୍କୁ ଭତ୍ତା ୩୫୦୦ ଟଙ୍କା ପାଇବାକୁ ସରକାର ସ୍ଥିର କଲେ । ମାତ୍ର ଏହି ବ୍ଲକରେ କେତେକ ହିତାଧିକାରୀ ୮୦ରୁ ୯୦% ପ୍ରତିଶତ ହୋଇ ମଧ୍ୟ ସେଥିରୁ ବଞ୍ଚିତ ରହିଥିବା ଅଭିଯୋଗ ହେଉଛି । ଏଠାରେ ବହୁ ବୃଦ୍ଧବୃଦ୍ଧା ହିତାଧିକାରୀ ଆଜି ସୁଦ୍ଧା ୧୨୦୦ ଟଙ୍କା ଲେଖାଏଁ ମାସିକ ଭତ୍ତା ପାଉଛନ୍ତି । ସେହିପରି ହିନ୍ଦୋଳ ଏନଏସିରେ ମଧ୍ୟ ମିଳୁନାହିଁ ନୂତନ ଓ ବର୍ଦ୍ଧିତଭତ୍ତା ଯାହାକୁ ନେଇ ସରକାରଙ୍କ ଅପାରଗତା ପଦାରେ ପଡ଼ିଛି ।

● ଲୋଚାପଲ୍ଲି ହାତୀ ଆକ୍ରମଣ ଘଟଣା

## ମୃତକଙ୍କ ପରିବାରକୁ ଭେଟିଲେ ସାଂସଦ



**ଢେଙ୍କାନାଳ,୨୧।୨(ସମିସ):** ସଦର ରେଞ୍ଜ ଅନ୍ତର୍ଗତ କାଇମାଟି ପଞ୍ଚାୟତର ଲୋଚାପଲ୍ଲି ଗ୍ରାମରେ ଗତ ୧୦ ତାରିଖ ଦନ୍ତା ହାତୀ ଆକ୍ରମଣରେ ତିନିଜଣ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଜଣ ମହିଳା ଗୁରୁତର ଆହତ ହୋଇଥିଲେ । ମୃତ ମହିଳାମାନଙ୍କ ଦ୍ୱାଦଶାହ ତିଥି କାର୍ଯ୍ୟକ୍ରମରେ ସାଂସଦ ରୁଦ୍ରନାରାୟଣ ପାଣି ଓ ତାଙ୍କ ଦଳୀୟକର୍ମୀ ଏବଂ କାର୍ଯ୍ୟକର୍ତ୍ତା ସାମିଲ ହୋଇ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ବିଶେଷକରି ୩ ପରିବାରକୁ ତୁରନ୍ତ ୯ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମୃତ ପରିବାର ବର୍ଗ ଓ ଆହତ ପରିବାରକୁ ସାଂସଦ ଶ୍ରୀ ପାଣି ବ୍ୟକ୍ତିଗତ ଭାବେ ଅର୍ଥରାଶି ପ୍ରଦାନ କରିଥିଲେ । ମୃତକଙ୍କ ପରିବାର ସଦସ୍ୟମାନଙ୍କୁ ସାଂସଦଙ୍କ ସହିତ ପୂର୍ବତନ ଜିଲ୍ଲା ସଭାପତି ତଥା ସାଂସଦଙ୍କ ପ୍ରତିନିଧି ନରେଶଚନ୍ଦ୍ର ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ତଥା ସାଂସଦଙ୍କ ସଦର ବ୍ଲକ୍ ପ୍ରତିନିଧି ବିଷ୍ଣୁପ୍ରସାଦ ଲେଙ୍କା, ସାଂସଦଙ୍କ ପୌର ପ୍ରତିନିଧି ରୁଦ୍ରନାରାୟଣ ତ୍ରିପାଠୀ, ଗୋବିନ୍ଦପୁର ମଣ୍ଡଳ ସଭାପତି ରଞ୍ଜିତ ଭିଶାଲ୍, ବିଭୁପ୍ରସାଦ ଦେହୁରୀ, ଅଭିନ୍ନ ବେହେରା, ଆଇନଜୀବୀ ଉତ୍ତମ ଦାସ ଓ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ଏହି ଅବସରରେ ଗ୍ରାମ ଛକରେ ଭିନ୍ନକ୍ଷମ ବ୍ୟକ୍ତି ନାରାୟଣ ପଧାନଙ୍କୁ ଏକ ବ୍ୟାଟେରୀ ଚାଳିତ ସାଇକଲ୍ ଓ ପ୍ରଧାନମନ୍ତ୍ରୀ ଆବାସ ପାଇଁ ସାଂସଦ ସୁବିଧା କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ମାଟ୍ରିକ୍‌ବୋର୍ଡ ପରୀକ୍ଷା; ଇଂରାଜୀରେ ୩୪୮ ଅନୁପସ୍ଥିତ

**ଢେଙ୍କାନାଳ, ୨୧।୨(ସମିସ):** ଢେଙ୍କାନାଳ ଜିଲ୍ଲାରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁଷ୍ଠିତ ଦଶମ ବୋର୍ଡ ପରୀକ୍ଷାର ଦ୍ୱିତୀୟ ବିଷୟ ଇଂରାଜୀ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି । ମାତୃଭାଷାରେ ୩୨୭ ଜଣ ଅନୁପସ୍ଥିତ ରହିଥିବା ବେଳେ ଇଂରାଜୀରେ ୩୪୮ ଜଣ ଅନୁପସ୍ଥିତ ରହିଛନ୍ତି । ଦିନକୁ ଦିନ ଏହାର ସଂଖ୍ୟା ବୃଦ୍ଧି ପାଉଥିବାର ଜଣାପଡିଛି । ମୋଟ ୨୬୯ଟି ବିଦ୍ୟାଳୟ ରହିଥିବା ବେଳେ ଚଳିତ ବର୍ଷ ୯୫ଟି ପରୀକ୍ଷା କେନ୍ଦ୍ରରେ ୧୬ ହଜାର ୩୪୫ ଜଣ ପରୀକ୍ଷା ଦେଉଛନ୍ତି । ଆଜି ୨୯୧ଜଣ ଅନୁପସ୍ଥିତ ରହିଛନ୍ତି । ମଧ୍ୟମାରେ ୬ଜଣ ଅନୁପସ୍ଥିତ ରହିଥିବା ବେଳେ ମୋଟ ୩୪୮ ଜଣ ଅନୁପସ୍ଥିତ ରହିଛନ୍ତି । ଜିଲ୍ଲାରେ ମୋଟ ୯୫ଟି ପରୀକ୍ଷାକେନ୍ଦ୍ର ମଧ୍ୟରୁ ଢେଙ୍କାନାଳ ସଦର ବ୍ଲକରେ ୧୬ଟି କେନ୍ଦ୍ର ରହିଛି । ଭୁବନ ବ୍ଲକରେ ୧୧ଟି, ଗଁଦିଆରେ ୧୨ଟି, ହିନ୍ଦୋଳରେ ୧୨ଟି, କାମାକ୍ଷାନଗରରେ ୧୨ଟି, କଙ୍କଡାହାଡରେ ୯ଟି, ଓଡାପଡା ବ୍ଲକରେ ୧୦ଟି, ପରଜଙ୍ଗରେ ୧୦ଟି କେନ୍ଦ୍ର ରହିଛି । ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ତରଫରୁ ୧୨ଟି କେନ୍ଦ୍ର ପରିଦର୍ଶନ କରାଯାଇଛି ।

# ନର୍ଭେରାମ ପାୱାର ପ୍ଲାଣ୍ଟ ପ୍ରଦୂଷଣ ବିରୋଧରେ ଅଭିଯୋଗ

**ଢେଙ୍କାନାଳ, ୨୧।୨ (ସମିସ):**

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଗୁଣ୍ଡିଚାପଡ଼ା ନର୍ଭେରାମ ପାୱାର ଆଣ୍ଡ ଷ୍ଟିଲ କାରଖାନାର ପାଉଁଶ ଗୁଣ୍ଡ, ଧୂଳିଧୂଆଁରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ପାଣି ବିଷ ପାଲଟିଛି । ସରପଞ୍ଚଙ୍କ ସମେତ ୱାର୍ଡସଭ୍ୟ ଲିଖିତ ଭାବରେ

## ବିଭାଗ ନିରବଦ୍ରଷ୍ଟା

ଅଭିଯୋଗ କରିଛନ୍ତି । ସଦରଥାନା ଅନ୍ତର୍ଗତ ଏହି କାରଖାନା ଗତ ୨୫ ବର୍ଷ ଧରି ଉତ୍ପାଦନ ଜାରି ରଖିଛି । କାରଖାନା ନିଜସ୍ୱ ଲାଭ ପାଇଁ କାର୍ଯ୍ୟ କରୁଥିବାବେଳେ ପାରିପାର୍ଶ୍ୱିକ ଉନ୍ନୟନ କରିବା ତ ଦୂରର କଥା ପରିବେଶ ନୀତିନିୟମକୁ ସମ୍ପୂର୍ଣ୍ଣ ଉଲଘଂନ କରିବାରେ ଲାଗିଛି । ନିକଟସ୍ଥ ଅସନବାହାଲି, ବାରଦା, ଗେଙ୍ଗୁଟିଆ, ଜହ୍ନିତଏଲା, ଢୋଲପଶି, ହଳଦୀବାରି ସହିତ ଗୁଣ୍ଡିଚାପଡା, କୋରିଆଁ, ପଞ୍ଚୁପଟୀ, ସିମିନଇ, ଅଙ୍ଗରାନ୍ତିପୁର ଏବଂ ଏହାର ଆଖପାଖ ଅଞ୍ଚଳ ପ୍ରଭାବିତ ହେଉଛି । ପ୍ରତିଦିନ କାରଖାନାରୁ ଧୂଆଁଗୁଣ୍ଡ



ଉଡ଼ିବା ସହିତ ସକାଳ ପାହିବା ମାତ୍ରେ ଘର ଛାତ, ବାରଣ୍ଡାରେ କଳାର ଆସ୍ତରଣ ପଡ଼ିଯାଉଛି । କୂଅ, ପୋଖରୀ, ଘର, ବିଦ୍ୟାଳୟ, ମହାବିଦ୍ୟାଳୟ, ଛାତ ଉପରେ ଏପରିକି ଘାସ ଉପରେ କଳା ଆସ୍ତରଣ ପଡିରହୁଛି । କାରଖା।ନା ବ୍ରାହ୍ମଣୀ ନଦୀ ପାଣିକୁ ବ୍ୟବହାର କରୁଥିବା ବେଳେ କାରଖା।ନରୁ ନିର୍ଗତ ପାଣିକୁ ଛାଡି ଦେଉଥିବାରୁ ସ୍ଥାନୀୟ ଅଞ୍ଚଳର ଜମି ନଷ୍ଟ ହେବା ସହିତ ଉର୍ବରତା ହ୍ରାସ ପାଉଛି । କିଛି ଦିନ ହେବ କାରଖାନାରୁ ମାତ୍ରାଧିକ ଧୂଆଁ ନିର୍ଗତ ହେଉଥିବାରୁ ଏହି ଧୂଆ ଅସନବାହାଳି ଏବଂ କାରଖାନା ନିକଟରେ ରହିଥିବା ବସ୍ତି, ଗେଙ୍ଗୁଟିଆ ଓ ଜହ୍ନିତଏଲା ଗ୍ରାମବାସୀଙ୍କୁ ନାକେଦମ କରିସାରିଛି । କାରଖାନା କର୍ତ୍ତୃପକ୍ଷ କାରଖାନାର ପାଉଁଶକୁ କାରଖାନାରୁ ଟ୍ରକ ଯୋଗେ ସଦର ଥାନା ନିକଟସ୍ଥ ଏସଏନ କରପୋରେସନ ଭିତରେ ଜମା କରୁଥିବା ବେଳେ ସଦର ଥାନା ନିକଟ ଦେଇ ଯାଇଥିବା ରାସ୍ତାରେ ଯାତାୟାତରେ ଘୋର ବାଧା ସୃଷ୍ଟି କରୁଛି । ରାସ୍ତାରେ ଅତି ଦୟନୀୟ ଅବସ୍ଥାରେ ଥିବା ଟ୍ରକ ଦ୍ୱାରା ପରିବହନ କରାଯାଉଥବା ଜଣାପଡିଛି । ମୁଖ୍ୟଫାଟକ ସମ୍ମୁଖରେ ପାଣି ପକାଇବା କିମ୍ବା ଗଛ ଲଗାଇବା ନାଁ ଧରୁନାହିଁ । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାରଖାନାର କାର୍ଯ୍ୟପ୍ରତି ସମ୍ପୂର୍ଣ୍ଣ ଭାବରେ ଆଖି ବୁଜିଦେଇଥିବାର ଅଭିଯୋଗ ହୋଇଛି । ସରପଞ୍ଚ ସୁଜାତା ସାହୁ ତୁରନ୍ତ ଏ ଦିଗରେ ସମାଧାନ କରିବାକୁ ଦାବି କରିଛନ୍ତି । ୭ ନମ୍ବର ୱାର୍ଡର ସ୍ୱାଧୀନ ସାହୁ, ୫ନମ୍ବର ୱାର୍ଡର ପ୍ରତିମା ବେହେରା ଏବଂ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ପ୍ରଧାନ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ ନକଲେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ପ୍ରତିବାଦ ଓ ବିରୋଧ କରାଯିବ ବୋଲି ପ୍ରକାଶ କରିଛନ୍ତି । କାରଖାନା ଚାରିପାଖରେ ଜନବସତି ଏବଂ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି ।

